ଧରିତ୍ରୀ
DHARITRI
ଭୁବନେଶ୍ୱର,ରବିବାର, ୨ ଏପ୍ରିଲ ୨୦୨୩



## ସଂକ୍ଷେପରେ

### କାମାକ୍ଷାନଗର ଏସ୍‌ଡିପିଓ ସମ୍ମାନିତ



କାମାକ୍ଷାନଗର, ୧୪(ଡି.ଏନ୍.ଏ.): ଆଇନଶୃଙ୍ଖଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ ଏବଂ କନଷ୍ଟେବଲ ଚନ୍ଦ୍ରଶେଖର ସାହୁ। କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଓଡ଼ିଶା ପୋଲିସ ଦିବସ ପାଳନ କାର୍ଯ୍ୟକ୍ରମରେ ଶନିବାର ଉଭୟଙ୍କୁ ମେଡାଲ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। କାମାକ୍ଷାନଗର ଉପଖଣ୍ଡରେ ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା, ପରଜଙ୍ଗ ବ୍ଲକ ମହାବିରୋଡ ଗ୍ରାମ୍ୟ ବ୍ୟାଙ୍କରୁ ହୋଇଥିବା ଡକାୟତି ମାମଲାରେ ଅଭିଯୁକ୍ତଙ୍କୁ ଧରିବାରେ ଏସ୍‌ଡପିଓ ଦେ ଏବଂ କନଷ୍ଟେବଲ ସାହୁ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଏହି ସମ୍ମାନ ପାଇବା ପରେ ଏସ୍‌ଡିପିଓଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ମନେପଡ଼ିଲେ ମହାମନୀଷୀ

କାମାକ୍ଷାନଗର, ୧୪(ଡି.ଏନ୍.ଏ.): କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଓଡ଼ିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବାସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାମନୀଷୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଆ ଭାଷା, ପରମ୍ପରା, ସଂସ୍କୃତିକୁ ବଞ୍ଚାଇ ରଖିବାରେ ଯେଉଁ ମହାପୁରୁଷଙ୍କ ଅବଦାନ ଅନନ୍ୟ, ସେମାନଙ୍କ ପଥ ଅନୁସରଣ କଲେ ସଫଳତା ମିଳିବ ବୋଲି ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ନିର୍ମଳ ମହାନ୍ତି, ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, ଗୀତା ମହାପାତ୍ର, ସୁମିତ୍ରା ଜେନା, କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ସ୍ୱର୍ଣ୍ଣପ୍ରଭା ପରିଡ଼ା, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ନଗର ବୁଲିଲେ ବେଶଧାରୀ ଶିଶୁ

ଭୁବନ, ୧୪(ଡି.ଏନ୍.ଏ.): ଭୁବନରେ ଶ୍ରୀରାମ ନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିରରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିବାବେଳେ ବେଶଦର୍ଶନ କରିବା ଲାଗି ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ଣରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ମିଳିତ ସହଯୋଗରେ ଏକ ଶୋଭାଯାତ୍ରା ଶ୍ରୀରାମ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବହୁ କର୍ମକର୍ତ୍ତା, ସହରବାସୀ ସାମିଲ ହୋଇଥିଲେ। ଶ୍ରୀରାମ, ଲକ୍ଷ୍ମଣ, ସୀତା ବେଶଧାରୀ ଶିଶୁଙ୍କୁ ଏକ ରଥରେ ବସାଇ ନଗର ପରିକ୍ରମା କରାଯାଇଥିବାବେଳେ ଏହା ବେଶ୍ ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟାରେ ମନ୍ଦିରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ଏନ୍‌ଏସିର ବିଭିନ୍ନ ଦେବାଳୟରେ ହୋମଯଜ୍ଞ, ହନୁମାନ ଚାଳିଶା ପାଠ ସହ ହରିହାଟ ବ୍ୟବସ୍ଥା ହୋଇଥିଲା।

# ଶେଷ ଦିନରେ କମ୍ପିଲା ପ୍ରଚାର ମଇଦାନ

ଢେଙ୍କାନାଳ ଅଫିସ, ୧୪

ଢେଙ୍କାନାଳ ଜିଲାର ହିନ୍ଦୋଳ ଏନ୍‌ଏସି ନିର୍ବାଚନକୁ ମଝିରେ ମାତ୍ର ଦିନଟିଏ ବାକି। ଏଥିଲାଗି ଅବଗଣନା ଆରମ୍ଭ ହୋଇସାରିଥିବାବେଳେ ଶନିବାର ପ୍ରଚାର ସରିଛି। ଶେଷ ଦିନରେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସର ନେତୃବୃନ୍ଦ ବିଭିନ୍ନ ୱାର୍ଡରେ ମାରାଥନ୍ ପ୍ରଚାର କରି ଶକ୍ତି ପ୍ରଦର୍ଶନ କରିଛନ୍ତି।

ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଏବଂ କେନ୍ଦ୍ରୀୟ ଅବହେଳାକୁ ମୁଖ୍ୟ ପ୍ରସଙ୍ଗ କରି ପ୍ରଚାର ମଇଦାନକୁ ଓହ୍ଲାଇଥିଲା ବିଜେଡି। ନିର୍ବାଚନ ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ତଥା ଢେଙ୍କାନାଳ ବିଧାୟକ ସୁଧୀର ସାମଲ ପ୍ରଚାର ମଙ୍ଗ ଧରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ରାଜ୍ୟ ମହିଳା ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ ପ୍ରମୁଖ ଘର ଘର ବୁଲି ଭୋଟ ମାଗିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ନିବେଦନ କରିଥିଲେ।



ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି।

ସେହିପରି ରାଜ୍ୟରେ ଦୁର୍ନୀତି, କେନ୍ଦ୍ରୀୟ ଯୋଜନାରେ ହେଉଥିବା ବାଟମାରଣାକୁ ପ୍ରସଙ୍ଗ କରିଛି ଭାଜପା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଜିଲା ସଭାପତି ନରେଶ ମହାପାତ୍ର, ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ବିଜେଡି ସରକାର ସମୟରେ ହେଉଥିବା ଦୁର୍ନୀତି, ବିଭିନ୍ନ କ୍ଷେତ୍ରରେ ଅନିୟମିତତା ଏବଂ ନାରୀ ନିର୍ଯାତନାକୁ ମୁଖ୍ୟ ପ୍ରସଙ୍ଗ କରି ବିଭିନ୍ନ ୱାର୍ଡ ବୁଲି ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ କରିଥିଲେ।

ଅନ୍ୟପଟେ କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଶେଷଦିନରେ ପ୍ରଚାରରେ ସାମିଲ ହୋଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ତାଙ୍କ ସହ ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ବରିଷ୍ଠ ନେତା ବିପ୍ଳବ ଜେନା, ରତିକାନ୍ତ ଗଡ଼ନାୟକ, ସୁବାସ ଚନ୍ଦ୍ର ପାଲ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ଶିଳ୍ପୀଶ୍ରୀ ହରିଚନ୍ଦନ ପ୍ରମୁଖ ପ୍ରଚାର ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

୨୦୧୪ ନିର୍ବାଚନ ପୂର୍ବରୁ ହିନ୍ଦୋଳ ଏନ୍‌ଏସି ହାତେଇବା ବିଜେଡି, କଂଗ୍ରେସ ଏବଂ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଦଳୀୟ ପ୍ରାର୍ଥୀମାନେ ନିର୍ବାଚନ ବୈତରଣୀ ପାର ହେବାକୁ ଜୋର୍ ଲଗାଇ ଦେଇଛନ୍ତି। କେତେକ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସମ୍ଭାବନା ଥିବାରୁ ସବୁ ଦଳର ରାଜନୈତିକ ନେତୃବୃନ୍ଦ ସେମାନଙ୍କ ଉପରେ ନଜର ରଖିବା ସହ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛନ୍ତି।



ପ୍ରଚାର ଶୋଭାଯାତ୍ରାରେ ଭାଜପା ନେତା ରୁଦ୍ରନାରାୟଣ ପାଣି, ଦଳୀୟ ପ୍ରାର୍ଥୀଙ୍କ ସମେତ ଅନ୍ୟ ନେତୃବୃନ୍ଦ।



କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

### ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ହିନ୍ଦୋଳ ଏନ୍‌ଏସି ନିର୍ବାଚନକୁ ଶୃଙ୍ଖଳିତ କରିବା ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୩ ତାରିଖରେ ମତଦାନ ହେବାକୁ ଥିବାବେଳେ ଶନିବାର ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରିଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୨ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୬ ଇନ୍ସପେକ୍ଟର, ୨୬ ଏସ୍‌ଆଇ ଓ ଏଏସ୍‌ଆଇ, ୨ ପ୍ଲାଟୁନ୍ କନଷ୍ଟେବଲ ଓ ହୋମଗାର୍ଡ, ୩ ପ୍ଲାଟୁନ୍ ଓଏସ୍‌ଏପି ଫୋର୍ସ ମୁତୟନ କରାଯାଇ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ସନ୍ଧ୍ୟାରେ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା।

# ଲୋକଙ୍କ ପ୍ରତି ବିଶ୍ୱାସଭାଜନ ହୁଅ



ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ପୋଲିସ ଅଧିକାରୀମାନେ।

### ୮୮ତମ ପୋଲିସ ପ୍ରତିଷ୍ଠା ଦିବସ

ଢେଙ୍କାନାଳ ଅଫିସ, ୧୪

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ୍ ପଡ଼ିଆରେ ଶନିବାର ୮୮ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ।

ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ ପୋଲିସ ସନ୍ଧିଧାନରେ ଉଲ୍ଲେଖ କରାଯାଇଥିବା ନିୟମକୁ ପାଠ କରି କହିଲେ, ପୋଲିସ ଅଧିକାରୀ ନିଜ ସୀମା ଉଲ୍ଲଂଘନ କରିବା ଅନୁଚିତ। ଶିଷ୍ଟାଚାର ଓ ଭଲ ବ୍ୟବହାର ପ୍ରଦର୍ଶନ ଜରୁରୀ। ଲୋକଙ୍କ ପ୍ରତି ବିଶ୍ୱାସଭାଜନ ହେବା ପୋଲିସ ବିଭାଗର ମୁଖ୍ୟ କାର୍ଯ୍ୟ। କର୍ତ୍ତବ୍ୟ ସମ୍ପାଦନ ହିଁ ସେବା। ବଳ ପ୍ରୟୋଗ କରିବା ସେବା ନୁହେଁ ବୋଲି ସେ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଦର ଥାନା ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ, କଙ୍କଡ଼ାହାଡ଼ ଥାନା ଏଏସ୍‌ଆଇ ଦାମୋଦର ସାହୁ, ସିଆଇ ହାବିଲଦାର ଶେଷଦେବ ହୋତା, ଝାରଗାଡ଼ିଆ ଫାଣ୍ଡିର ଓଆର କନଷ୍ଟେବଲ ସତ୍ୟନାରାୟଣ ମିଶ୍ର, କାମାକ୍ଷାନଗର ଥାନା ଏପିଆର କନଷ୍ଟେବଲ ହରଗୋବିନ୍ଦ ପାଲଙ୍କୁ ସମ୍ମାନିତ କରାଯାଇଥିଲା।

ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ ଦରୱାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଡିଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଗୋଇନ୍ଦା ଡିଏସ୍‌ପି ଅରୁଣ ସାହୁ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା

ପରଜଙ୍ଗ, ୧୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ଦରସିଂହା ପଞ୍ଚାୟତ ଖଳିବାହାଳର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ୩ଦିନ ଧରି ଚାଲିଥିବା ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ଗୁରୁବାର ମନ୍ଦିର କମିଟି ସଦସ୍ୟ, ଅଞ୍ଚଳର ମହିଳା ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀରୁ ୧୦୮ କଳସ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ନାମସଂକୀର୍ତ୍ତନ, ହରିବୋଲ, ହୁଳହୁଳି, ଶଙ୍ଖ, ଘଣ୍ଟବାଦ୍ୟ, ବ୍ରାହ୍ମଣଙ୍କ ବେଦପାଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲା ପରିଷଦ ଉପସଭାନେତ୍ରୀ ବିଳାସିନୀ ସେଠୀ, ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସାମାଜିକ କର୍ମୀ ସଞ୍ଜୟ ବିଶ୍ୱାଳ, ମୁନା ବିଶ୍ୱାଳ, ସମିତିସଭ୍ୟ ବିନୋଦ ବେହେରା ପ୍ରମୁଖ ଯୋଗଦେଇ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅନୁଗୋଳ ହାଟ ଛକ ଅଞ୍ଚଳର ଟଙ୍କଧର ନାଥ, ମନ୍ଦିର କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଦୁଇଦିନ ଧରି ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ବାଟାଲିୟନରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଢେଙ୍କାନାଳ ଅଫିସ,୧୪

ଢେଙ୍କାନାଳ ଓଏସ୍‌ଏପି ପ୍ରଥମ ବାଟାଲିୟନରେ ଶନିବାର ୮୮ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗପତି ସୁନୀଲ କୁମାର ବେହେରା ଏହାର ଶୁଭାରମ୍ଭ କରିଥିଲେ। ବାଟାଲିୟନର ପ୍ରତିଭାବାନ କର୍ମଚାରୀମାନେ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉପଦୁର୍ଗପତି ମନୋଜ ଦାସ, ସହକାରୀ ଦୁର୍ଗପତି ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ, ହାବିଲଦାର, ଯବାନମାନେ ଯୋଗଦେଇଥିଲେ।



ପୋଲିସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଯବାନମାନେ।

# ଠିକା ଶିକ୍ଷକ ନିଯୁକ୍ତି ବନ୍ଦ, ଅଧ୍ୟକ୍ଷଙ୍କୁ ବହିଷ୍କାର ଦାବି

ଢେଙ୍କାନାଳ ଅଫିସ, ୧୪

### କେନ୍ଦ୍ରୀୟ ବିଦ୍ୟାଳୟରେ ଛାତ୍ର ଅଶାନ୍ତି

ଠିକାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତି ବନ୍ଦ ଏବଂ ଅଧ୍ୟକ୍ଷଙ୍କ ବହିଷ୍କାର ଦାବିରେ ଢେଙ୍କାନାଳ ବନମାଳୀପ୍ରସାଦସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଛାତ୍ର ଅଶାନ୍ତି ତେଜିଛି। ଏହାର ପ୍ରତିବାଦରେ ଶନିବାର ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ଏକଚ୍ଛତ୍ରବାଦ ମନୋଭାବ ପିଲାମାନଙ୍କୁ ଅତିଷ୍ଠ କରିପକାଇଲାଣି। ଠିକାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଶିକ୍ଷାଦାନ ଫଳପ୍ରଦ ହେଉନାହିଁ। ସେମାନେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ନିୟମିତ ଶିକ୍ଷକଙ୍କ ଅଭାବ ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏକାଦଶ ଶ୍ରେଣୀର ବହୁ ଛାତ୍ରୀଛାତ୍ର ଅକୃତକାର୍ଯ୍ୟ ହୋଇଥିବାବେଳେ ଏହାକୁ କର୍ତ୍ତୃପକ୍ଷ ହାଲୁକା ଭାବେ ନେଉଛନ୍ତି। ଏସବୁ ସମସ୍ୟାର ସମାଧାନ ଲାଗି ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତେଣୁ ପ୍ରତିବାଦ ସ୍ୱରୂପ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଦୀର୍ଘ ସମୟ ଯାଏ ଧାରଣାରେ ବସି ରହିଥିଲେ। ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ଲାଗି ସେମାନେ ଦାବି କରିଥିଲେ।

ଅଭିଯୋଗ ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକ କୁହନ୍ତି, ସମସ୍ୟା ସମ୍ପର୍କରେ ଅଭିଭାବକଙ୍କ ସହ ଆଲୋଚନା କରିବା ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଟେଲିଫୋନ୍‌ରେ ଅବଗତ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।



ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ସ୍କୁଲ ଫାଟକ ଆଗରେ ଧାରଣା ଦେଉଛନ୍ତି।

# 'ମହିଳାମାନେ ବିକାଶ ରଥର ସାରଥି ସାଜିଛନ୍ତି'

### ଓଡ଼ିଶା ଦିବସ ସମାରୋହ

ଢେଙ୍କାନାଳ ଅଫିସ, ୧୪

ସମୃଦ୍ଧ ଓଡ଼ିଶା ଗଠନରେ ବରପୁତ୍ରଙ୍କ ତ୍ୟାଗ ଓ ବଳିଦାନ ଚିରସ୍ମରଣୀୟ। ଓଡ଼ିଶା ଦିବସ ହେଉଛି ଏହାର ସମୀକ୍ଷାର ଦିନ। ଭାରତବର୍ଷରେ ପ୍ରଗତିଶୀଳ ରାଜ୍ୟ ଭାବେ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ମହିଳା ସଶକ୍ତୀକରଣ ଏହାର ଜ୍ୱଳନ୍ତ ଉଦାହରଣ। ଦିନେ ମୁହଁ ଖୋଲି ପାରୁ ନ ଥିବା ଗ୍ରାମାଞ୍ଚଳର ମହିଳାମାନେ ଓଡ଼ିଶା ବିକାଶ ରଥର ସାରଥି ସାଜିଛନ୍ତି ବୋଲି କହିଛନ୍ତି ଢେଙ୍କାନାଳ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ଓଡ଼ିଶା ଦିବସ ସମାରୋହ-୨୦୨୩ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ନିଜ ଅଭିଭାଷଣରେ ଏହା କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ଅଟଳ ବିହାରୀ ଦାସ କହିଥିଲେ, ଓଡ଼ିଆ ଭାବେ ପ୍ରତି ଓଡ଼ିଶାବାସୀ ଗର୍ବ କରିବା ଉଚିତ। କେବଳ ଆର୍ଥିକ ଉନ୍ନତି ନୁହେଁ, ବରଂ ପରମ୍ପରା, ସଂସ୍କୃତି, ଭାଷା ଆମ ସଂସ୍କୃତିର ମାନଦଣ୍ଡ ବୋଲି କହିଥିଲେ। ଉତ୍ସବରେ ସଭାପତିତ୍ୱ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଓଡ଼ିଶାର ଇତିହାସ ଗୌରବମୟ। ଏକତା, ଭାଇଚାର ଓ ଇଚ୍ଛାଶକ୍ତି ରହିଲେ ରାଜ୍ୟ ସମୃଦ୍ଧ ହେବ। ସମ୍ମାନିତ ଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକ ଉପସ୍ଥିତ ରହି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।



ଜିଲାପାଳ ଜଣେ ମହିଳାଙ୍କୁ ସମ୍ମାନିତ କରୁଛନ୍ତି।

ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ବ୍ୟାସକବି ଫକୀର ମୋହନ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିସହ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏଥିପୂର୍ବରୁ ସକାଳେ ଜିଲାପାଳଙ୍କ ସମେତ ପୌରାଧକ୍ଷା ଜୟନ୍ତୀ ପାତ୍ର, ବହୁ ବୁଦ୍ଧିଜୀବୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ବାଜିଚୌକସ୍ଥିତ ଶହୀଦ ସ୍ମୃତିସ୍ତମ୍ଭରେ ପହଞ୍ଚିଥିଲା। ସେଠାରେ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭୋର୍‌ରେ ଡାକବାଜି ଯନ୍ତ୍ରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପେଡିପଥର ଗ୍ରାମର ବିଦ୍ୟୁତ୍ ପ୍ରଭା ସେଠୀଙ୍କୁ ତାଙ୍କ ସ୍ୱାମୀ ଦୃଣ ସେଠୀ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୮୨/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବିଦ୍ୟୁତ୍‌ପ୍ରଭା ଗୁରୁବାର ଘରେ ରୋଷେଇ କରୁଥିବା ବେଳେ ଦୃଣ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ

ଅନୁଗୋଳ ଅଫିସ, ୧୪: ଅନୁଗୋଳ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏକ କମ୍ୟୁନିଟି ହଲ ପାଇଁ ଏମ୍‌ପିଙ୍କ ପାଣ୍ଠିରୁ ଅର୍ଥ ପ୍ରଦାନ, କମ୍ୟୁନିଟି ହଲରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଆଧାତ୍ମିକ କେନ୍ଦ୍ର ଖୋଲିବାକୁ ଦାବି କରାଯାଇଛି। ଦାବିପତ୍ର ଗ୍ରହଣ କରିବା ସହ ଜିଲାର ସମସ୍ତ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ ଓ ଦାବି ପୂରଣ ପାଇଁ ଉଦ୍ୟମ କରିବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ, ମାର୍କଣ୍ଡେଶ୍ୱର ନନ୍ଦ, କୁମର ମୁଦୁଲି, ପ୍ରଶାନ୍ତ କୁମାର ଦାସ, ରାକେଶ ଚନ୍ଦ୍ର ମିଶ୍ର, ଦଧିବାମନ ପ୍ରଧାନ, ମଧୁସୂଦନ ଦାସ, ଗିରିଜା ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଅନୁଗୋଳ ପାଳିଲା ୩୦ତମ ଜିଲା ପ୍ରତିଷ୍ଠା ଦିବସ



ରାଜା ଛକରେ କରାଯାଇଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଉଦ୍‌ଘାଟନ କରାଯାଉଛି।



ଜିଲା ପ୍ରତିଷ୍ଠା ଦିବସରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

### ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ

ଅନୁଗୋଳ ଅଫିସ, ୧୪

ଅନୁଗୋଳ ଜିଲା ପ୍ରତିଷ୍ଠାକୁ ଶନିବାର ୩୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ଓଡ଼ିଶା ଦିବସ ସହ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସକାଳୁ ଅନୁଗୋଳ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନିକ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ। ଏହାପରେ ପୂର୍ବାହ୍ନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରାଯାଇଥିଲା। ଅନୁଗୋଳ ରାଜା ଛକରେ ଥିବା ରାଜା ସୋମନାଥ ସିଂହ ଜଗଦେବଙ୍କ ପ୍ରତିମୂର୍ତ୍ତି ସ୍ଥାନର ନବୀକରଣ କରାଯାଇଥିବାରୁ ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସମେତ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଉପାଧ୍ୟକ୍ଷା ଅନୁପମା ସାହୁ, ସମସ୍ତ କାଉନସିଲର ଓ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ସହରର ପ୍ରବେଶ ପଥରେ ଲାଗିଥିବା ୩ଟି ସ୍ୱାଗତ ଫାଟକ, ୨ଟି ପରିଚୟ ଗୃହ, ୧୮ଟି ଭେଣ୍ଡିଂ ଜୋନ୍‌କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଅନୁଗୋଳ ସଭାଘର ଠାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶା ଦିବସ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର

ଅନୁଗୋଳ ଅଫିସ, ୧୪

ଅନୁଗୋଳ ପଞ୍ଚମହଲା ଆଦର୍ଶ ବିହାରସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ବିଦ୍ୟାଳୟର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜେଶ କୁମାର ଧଳ ଯୋଗଦେଇ ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଅଜୟ କୁମାର ଦାସ, ଶିକ୍ଷୟିତ୍ରୀ କ୍ଷଣପ୍ରଭା ଷଡ଼ଙ୍ଗୀ ଓ ସ୍ମୃତିସ୍ନିଗ୍ଧା ସାହୁ ଓଡ଼ିଶା ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ସ୍କୁଲ ଉପାଧ୍ୟକ୍ଷ ପ୍ରଦୀପ ଦାଶ ଯୋଗଦେଇ ଓଡ଼ିଶା ଦିବସର ଗୁରୁତ୍ୱ ତଥା ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ବରପୁତ୍ରମାନଙ୍କ ସଂଘର୍ଷମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ନୃତ୍ୟ ଶିକ୍ଷୟିତ୍ରୀ ଅନିତା ରାଜଗୁରୁ, ସଙ୍ଗୀତ ଶିକ୍ଷକ ଏସ୍.କେ. ନନ୍ଦ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଙ୍ଗୀତା ସ୍ୱାଇଁ ସଂଯୋଜନା କରିଥିବାବେଳେ ରାଜଲକ୍ଷ୍ମୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଘନଶ୍ୟାମ ପାଳ ଓ ରୀନା ସେନ ପରିଚାଳନା କରିଥିଲେ।




ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ଓଡ଼ିଶା ଦିବସ ପାଳନ କରାଯାଉଛି।

## ବର୍ଷାରେ ଫିକା ପଡ଼ିଲା ତାରିଣୀ ଯାତ୍ରା

ଛେଣ୍ଡିପଦା,୧୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାଟକୁମୁଣ୍ଡା ଗ୍ରାମରେ ମା' ତାରିଣୀଙ୍କ ଚଇତିପର୍ବ ଏବଂ ବାର୍ଷିକ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ତେବେ କାଳବୈଶାଖୀ ବର୍ଷା ଯୋଗୁ ଏହି ଯାତ୍ରା ଫିକା ପଡିଯାଇଥିଲା। ଗ୍ରାମର ଆଁଉଳୀ ନଦୀ କୂଳରେ ଅବସ୍ଥିତ ମା'ଙ୍କ ପୀଠରେ ସକାଳୁ ଗ୍ରାମର ମହିଳାମାନେ ପହଞ୍ଚି ବିଶାଳ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ଗ୍ରାମରୁ ଗ୍ରାମଦେବତୀଙ୍କୁ ପଟୁଆରରେ ଆଣି ମା'ଙ୍କ ମଣ୍ଡପରେ ବିରାଜମାନ କରାଯିବା ସହ ମହାସ୍ନାନ କରାଯାଇଥିଲା। ପରେ ମା'ଙ୍କୁ ସୁସଜ୍ଜିତ ବେଶ କରାଯିବା ସହ ଭକ୍ତମାନେ ଦର୍ଶନ କରିଥିଲେ। ପୂର୍ବାହ୍ନ ୧୦ଟା ବେଳେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେଇଥିଲା। ସନ୍ଧ୍ୟାରେ ଆଳତି ସହ ପଣା ଭୋଗ ଅର୍ପଣ କରାଯାଇଥିଲା। ରାତିରେ ମନୋରଞ୍ଜନ ପାଇଁ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ମହେଶ୍ୱର ପ୍ରଧାନ, ସମ୍ପାଦକ ହୃଦାନନ୍ଦ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଉମାକାନ୍ତ ପ୍ରଧାନ, ଦୁର୍ବାଦଳ ଦାସ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ପାଟକୁମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ। ମା'ଙ୍କ ଯାତ୍ରା ଦେଖିବାକୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ତୁହାକୁ ତୁହା ବର୍ଷା ଯୋଗୁ ଯାତ୍ରା ଫିକାପଡିଥିଲା। ଶାନ୍ତି ଶୃଙ୍ଖଳା ପାଇଁ ବାଗଡିଆ ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



## ମେଲାଣି ନେଲେ ମା' ବାସନ୍ତୀ ଦୁର୍ଗା

ଅନୁଗୋଳ ଅଫିସ, ୧୪

ଅନୁଗୋଳ ଅମଲାପଡ଼ାସ୍ଥିତ ମା' ବାସନ୍ତୀ ଦୁର୍ଗା ପଡ଼ିଆରେ ଆୟୋଜିତ ବାସନ୍ତୀ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଯାଇଛି। ଶନିବାର ଭସାଣି ଶୋଭାଯାତ୍ରାରେ ଲଉଡି ଖେଳ, ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ବାସନ୍ତୀ ଦୁର୍ଗାପୂଜା ପଡ଼ିଆରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ କେନାଲରେ ଦେବୀଙ୍କ ପ୍ରତିମା ବିସର୍ଜନ କରାଯାଇଥିଲା। ଏଥିରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଚଳିତଥର ପୂଜାରେ ବହୁ ଜନ ସମାଗମ ଦେଖିବାକୁ ମିଳିଥିଲା। ଫଟୋ ପ୍ରଦର୍ଶନୀ, ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଏବଂ ଦୈନନ୍ଦିନ ସାଂସ୍କୃତିକ ବିଚିତ୍ରା ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପୂଜା କମିଟି ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ ମହାନ୍ତି, ଉପଦେଷ୍ଟା ପ୍ରଦୀପ ଦେବତା, ଉପସଭାପତି ଯତୀନ ସେଠୀ, ସହ ସମ୍ପାଦକ ସିପୁ ପଟ୍ଟନାୟକ, ମନୀଷ ପ୍ରଧାନ, କୋଷାଧ୍ୟକ୍ଷ ତାପସ ରାୟ, ରଶ୍ମିରଞ୍ଜନ ପ୍ରଧାନ, ସହଉପଦେଷ୍ଟା ବସଲା ସରପଞ୍ଚ ଚନ୍ଦନ ସାହୁ, ଶୁଭେନ୍ଦୁ ପ୍ରଧାନ, ଶଶାଙ୍କ ପ୍ରଧାନ, ରିତେଶ ଦଳବେହେରା, ଅନିଲ ପଟ୍ଟନାୟକ, କମଳକାନ୍ତ ସାହୁ, ସରୋଜ ସାହୁ, ବବୁଲୁ ମହାନ୍ତି, ମୁନା ସିଂହା, ଗୁଲୁ ମହାନ୍ତି, ତ୍ରିନାଥ ନାୟକ, ସୌମ୍ୟରଞ୍ଜନ ଦାସ, ଶିବ ସାହୁ, ଟୁଟୁ ପୃଷ୍ଟି, ଅମ୍ବିକା ଦେବତା, ଗିରିଜା ପଟ୍ଟନାୟକ, ବୁବୁନୁ ପ୍ରଧାନ ପ୍ରମୁଖ ପୂଜା ଓ ଭସାଣିକୁ ସଫଳତାର ସହ ପରିଚାଳନା କରିଥିଲେ।



## ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବଇଣ୍ଡା,୧୪(ଡି.ଏନ.ଏ.)

କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କୁ ସ୍ଥାନୀୟ କ୍ରିଷ୍ଣା ପାଉଁଶ ଇଟା ତିଆରି କାରଖାନା ପରିଦର୍ଶନ ପାଇଁ ନିଆଯାଇଥିଲା। ଛାତ୍ରୀଛାତ୍ରମାନେ ପାଉଁଶ ଇଟା ତିଆରି କୌଶଳ, ଏଥିପାଇଁ ଆବଶ୍ୟକ ଉପକରଣ, କଞ୍ଚାମାଲ, ପରିବହନ ଓ ବ୍ୟବସାୟ ଉପରେ ଜ୍ଞାନ ଆହରଣ କରିଥିଲେ। ଅନ୍ତିମ ଦିବସରେ ଫ୍ୟାଶନ ଡିଜାଇନର ସୁନନ୍ଦା ପ୍ରଧାନ ଯୋଗଦେଇ ହସ୍ତକଳା ମାଧ୍ୟମରେ ଏହାକୁ କିପରି ବୃତ୍ତି ଭାବେ ଗ୍ରହଣ କରିହେବ ସେ ଦିଗରେ ପରାମର୍ଶ ଦେଇଥିଲେ। ମନିପର୍ସ, କଣ୍ଢେଇ, ବିଭିନ୍ନ ଅଳଙ୍କାର ପ୍ରସ୍ତୁତି କୌଶଳ ପ୍ରଦର୍ଶନ କରିଥିଲେ। ଶିକ୍ଷକ ବିନାୟକ ଦେହୁରୀ, ଶୁଭଲକ୍ଷ୍ମୀ ସାହୁ, ପ୍ରମୋଦିନୀ ପ୍ରଧାନ, ହେମା ଦେଇ, ହେମନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।




## ୨୩ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା



ଅବସର ନେଇଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବଅଁରପାଳ, ୧୪ (ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ପକ୍ଷରୁ ୨୩ ଜଣ କର୍ମଚାରୀଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ମେଲଟର ପ୍ଲାଣ୍ଟରୁ ୧୮ ଜଣ ଓ ସିପିପି ପ୍ଲାଣ୍ଟରୁ ୫ଜଣ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ବରିଷ୍ଠ ଶ୍ରମିକ ନେତା ରମେଶ ଚନ୍ଦ୍ର ବେହେରା ଓ ନେପୁର କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ ରହିଛନ୍ତି। ସମ୍ବର୍ଦ୍ଧନା ସଭାରେ ସମ୍ପୃକ୍ତ କର୍ମଚାରୀମାନଙ୍କ କର୍ମମୟ ଜୀବନ ଓ ନାଲ୍‌କୋ ପ୍ରତି ଥିବା କର୍ତ୍ତବ୍ୟ ନିଷ୍ଠା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ଇଡି ଭୀମସେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଚ୍‌ଆର୍‌ଡି ମହାପ୍ରବନ୍ଧକ ମଣିପ୍ରସାଦ ସାମଲ, ସ୍ମେଲଟର ମହାପ୍ରବନ୍ଧକ କେ.ବି. ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମିନିୟମ ମଜଦୁର ସଂଘ ସଭପତି ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ ସାମଲ, ନେପୁ ସାଧାରଣ ସମ୍ପାଦକ ବୈରାଗୀ ସେଠ, ଅଜୟ ଦାସ, ଜିତେନ୍ଦ୍ର ଜେନା, ସ୍ୱରୂପ ଗଡ଼ନାୟକ, ଜଗନ୍ନାଥ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳ ଧାରଣାରୁ ମୃତଦେହ ଜବତ

ଛେଣ୍ଡିପଦା,୧୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା ଜେରେଙ୍ଗ ଦେହୁରୀସାହି ଦେଇ ଯାଇଥିବା ସମ୍ବଲପୁର–ଅନୁଗୋଳ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ରେଲ୍‌ୱେ ପୋଲିସ ଜବତ କରିଛି। ମୃତକ ହେଲେ ଜରପଡା ଗ୍ରାମର ଚିନ୍ମୟ ସାହୁ। ପ୍ରକାଶ ଯେ, ଜେରେଙ୍ଗ ଦେହୁରୀସାହି ନିକଟ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ରେଲ୍‌ୱେ ପୋଲିସକୁ ଖବର ଦେଇଥିଲେ। ରେଲ୍‌ୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ପଚରାଉଚରା କରି ଯୁବକଙ୍କ ପରିଚୟ ଜାଣିବାକୁ ପାଇଥିଲା। ଏ ନେଇ ପୋଲିସ ଚିନ୍ମୟଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ପାରିବାରିକ କଳହକୁ ନେଇ ଚିନ୍ମୟ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ନାଲ୍‌କୋରେ ଓଡ଼ିଶା ଦିବସ

ବଅଁରପାଳ,୧୪(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ପକ୍ଷରୁ ଶନିବାର ଗୋପବନ୍ଧୁ ପାର୍କ ନିକଟ ପଡିଆରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋ ମୁଖ୍ୟ ପରିଚଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧିକାରୀ ଲଲଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ନାଲ୍‌କୋ ଇଡି ଭୀମସେନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍‌ଭିଏମ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଦ୍ୱିତୀୟ କୋଣାର୍କର ପ୍ରଗତି ଓ ସାରା ଦେଶରେ ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରବୀର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନାଲ୍‌କୋ ମହିଳା ସମିତି ଅଧ୍ୟକ୍ଷା ସୁମିତ୍ରା ପାତ୍ର, ନାଲ୍‌କୋ ଜିଜିଏମ ମଣିପ୍ରସାଦ ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋର ବହୁ ବରିଷ୍ଠ ଅଧିକାରୀ ଓ ଶ୍ରମିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



## ଭାଲୁ ଆକ୍ରମଣରେ ଜଣେ ମୃତ

ବଇଣ୍ଡା,୧୪(ଡି.ଏନ.ଏ.)

କିଶୋରନଗର ଥାନା ଧଡ଼ରପାଳ ଗ୍ରାମର ଭାଗ ନାୟକ ଭାଲୁ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ଶୁକ୍ରବାର ନିକଟସ୍ଥ ଜଙ୍ଗଲକୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଇଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଘରକୁ ନ ଫେରିବାରୁ ଶନିବାର ପରିବାର ଲୋକ ଓ ଗ୍ରାମବାସୀ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ଏକ ମହୁଲ ଗଛ ମୂଳେ ତାଙ୍କର ମୃତଦେହ ପଡିଥିବା ଦେଖି ସ୍ଥାନୀୟ ପୋଲିସ ଓ ବାମୁର ବନବିଭାଗକୁ ସୂଚନା ଦେଇଥିଲେ। ଖବରପାଇ କିଶୋରନଗର ପୋଲିସ ଓ ବାମୁର ବନବିଭାଗ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଦେଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କଳିଙ୍ଗାନ ପକ୍ଷରୁ ସାଉଦିରେ ଓଡ଼ିଶା ଦିବସ

ଅନୁଗୋଳ ଅଫିସ,୧୪

ସାଉଦି ଆରବରେ ରହୁଥିବା ଓଡ଼ିଆମାନଙ୍କୁ ନେଇ ଗଠନ ହୋଇଥିବା ସଙ୍ଗଠନ କଳିଙ୍ଗାନ ପକ୍ଷରୁ ଶନିବାର ସେଠାରେ ଓଡ଼ିଶା ଦିବସ ପାଳନ କରାଯାଇଛି। ସାଉଦି ଆରବର ଖୋବର ସହରରେ କଳିଙ୍ଗାନ କୋର୍ କମିଟି ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଓଡ଼ିଶୀ, ସମ୍ବଲପୁରୀ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ୟୋତିର୍ମୟ ଦାଶଙ୍କ ଦ୍ୱାରା ବଂଶୀବାଦନ ମୁଖ୍ୟ ଆକର୍ଷଣ ଥିବାବେଳେ ଛୋଟ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। କଳିଙ୍ଗାନ କୋର୍ କମିଟିର ସଦସ୍ୟ ରଞ୍ଜନ ରଥ, ସନ୍ତୋଷ ଦାସ, ଜ୍ୟୋତିର୍ମୟ ଦାଶ, ଶେଖ ଶରାଫତ, ଅଗଷ୍ଟିନ ଧୀର, ବସନ୍ତ ସାହୁ, ବିଶ୍ୱରଞ୍ଜନ ସାହୁ, ଇମ୍‌ତିଆନ ଅଲ୍ଲୀ, ସୂର୍ଯ୍ୟକାନ୍ତ ଦାସ, ଶୋଭନ ମହାନ୍ତି, ଦିଗମ୍ବର ମହାକୁଡ଼, ଅନୀଲ କୁମାର କଶତି ଏବଂ ପ୍ରୀତମ ମହାନ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ପୋଲିସର ନିଷ୍ଠାପର ସେବା ଜାରି ରହିବ

- ଅନୁଗୋଳରେ ଓଡ଼ିଶା ପୋଲିସର ପ୍ରତିଷ୍ଠା ଦିବସ
- ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୩ ପୋଲିସ ପୁରସ୍କୃତ
- ବିପ୍ଳବ ଶ୍ରେଷ୍ଠ ଏସ୍‌ଆଇ, ଶିବରାମ୍ ଶ୍ରେଷ୍ଠ ଟ୍ରାଫିକ୍ କନଷ୍ଟେବଲ

ଅନୁଗୋଳ ଅଫିସ, ୧୪

ଅନୁଗୋଳ ଛେଳିଆପଡ଼ାସ୍ଥିତ ରିଜର୍ଭ ପଡ଼ିଆରେ ଓଡ଼ିଶା ପୋଲିସର ୮୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ପୋଲିସର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ୮୮ ବର୍ଷ ଧରି ପୋଲିସ ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେବା ଉଦ୍ୟମ ଜାରି ରଖିଛି। ଭବିଷ୍ୟତରେ ମଧ୍ୟ ଏହି ନିଷ୍ଠାପର ସେବା ଜାରି ରହିବ। ଏଥିସହିତ ଓଡ଼ିଶା ଦିବସ ତଥା ପୋଲିସ ପ୍ରତିଷ୍ଠା ଦିବସରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଢ଼ି ପୋଲିସ କର୍ମଚାରୀଙ୍କୁ ଡିଆଇଜି ଅବଗତ କରାଇଥିଲେ।

ଅନ୍ୟତମ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଏସ୍‌ପି ପ୍ରସନ୍ନ କୁମାର ବିଶ୍ୱାଳ ଯୋଗଦେଇ ପୋଲିସର ପରମ୍ପରା ଓ ଆଚରଣ ବିଧି ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାରୁ ୧୩ ଜଣ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ତାଳଚେର ଥାନାର ଏସ୍‌ଆଇ ବିପ୍ଳବ ସାହୁଙ୍କୁ ଜିଲାର ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ପୁରସ୍କୃତ କରାଯାଇଥିବାବେଳେ ମାମିନା ମିଶ୍ରଙ୍କୁ ଶ୍ରେଷ୍ଠ ଏଏସ୍‌ଆଇ, ଫିରୋଜ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ହାବିଲଦାର, ଶ୍ରୀକାନ୍ତ ସାହୁ ଓ ପ୍ରଦୀପ ସିଂଙ୍କୁ ଶ୍ରେଷ୍ଠ କନଷ୍ଟେବଲ ଓ ଶିବରାମ ବେହେରାଙ୍କୁ ଶ୍ରେଷ୍ଠ ଟ୍ରାଫିକ୍ କନଷ୍ଟେବଲ ଭାବେ ପୁରସ୍କୃତ କରାଯାଇଥିଲା। ସେହିଭଳି ପିଟିସିର ଇନ୍ସପେକ୍ଟର ମୀନା କୁମାରୀ ସାହୁଙ୍କୁ ଶ୍ରେଷ୍ଠ ଇନ୍ସପେକ୍ଟର, ପିଟିସିର ଅଭିମନ୍ୟୁ ସାହୁଙ୍କୁ ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର, ଦିଲୀପ କୁମାର ବେହେରାଙ୍କୁ ଶ୍ରେଷ୍ଠ କିରାଣି, ଦୁଃଶାସନ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ହାବିଲଦାର, ରେବତୀ ସାହୁଙ୍କୁ ଶ୍ରେଷ୍ଠ କନଷ୍ଟେବଲ, ହେମନ୍ତ କୁମାର ଦେହୁରୀଙ୍କୁ ଶ୍ରେଷ୍ଠ ଏଓ ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପୋଲିସର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସେହିଭଳି ୮୮ ତମ ପୋଲିସ ପ୍ରତିଷ୍ଠା ଦିବସରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଓ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଏସ୍‌ଆଇ ସୌରଭ ସାମଲଙ୍କୁ ଡିଜିପି ଡିସ୍କ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ସେମାନଙ୍କୁ ପୁରସ୍କୃତ କରିଥିବା ସୂଚନା ପ୍ରଦାନ କରାଯାଇଛି।



ତାଳଚେର ଥାନାର ଏସ୍‌ଆଇ ବିପ୍ଳବ ସାହୁଙ୍କୁ ଡିଆଇଜି ପୁରସ୍କାର ପ୍ରଦାନ କରୁଛନ୍ତି।

## ଜରିମାନା ଆଦାୟ, ଜଣେ ଗିରଫ

ବଇଣ୍ଡା (ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ପୋଲିସ ପକ୍ଷରୁ ଶନିବାର ବଇଣ୍ଡା ଓ ଲୁହାମୁଣ୍ଡା ଠାରେ ଗାଡି ଯାଞ୍ଚ କରାଯାଇ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ପ୍ରଫୁଲ୍ଲ ସାମନ୍ତରାୟଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ୍ ଜବତ କରାଯାଇଛି। ହଣ୍ଡପା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ସାଇବର ଠକ ହାବୁଡ଼ରେ ଷ୍ଟିକରିଂ ବ୍ୟବସାୟୀ

ଅନୁଗୋଳ ଅଫିସ, ୧।୪: ଅନୁଗୋଳ ସହର ଅମଲାପଡ଼ାଠାରେ ରହୁଥିବା ଷ୍ଟିକରିଂ ବ୍ୟବସାୟୀ ମହେନ୍ଦ୍ର କାମାୱାଦ ସାଇବର ଠକଙ୍କ ହାବୁଡ଼ରେ ପଡ଼ିଛନ୍ତି। ସାଇବର ଠକ ଜଣକ ବ୍ୟବସାୟୀଙ୍କ ଆକାଉଣ୍ଟରୁ ୨ ଲକ୍ଷ ୨୧ ହଜାର ୧୯୦ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ବ୍ୟବସାୟୀଙ୍କ ଅଭିଯୋଗ ଆଧାରରେ ସାଇବର ଥାନାରେ ନଂ. ୪/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ମହେନ୍ଦ୍ରଙ୍କ ଘର ରାଜସ୍ଥାନରେ ହୋଇଥିବାବେଳେ ସେ ଅନୁଗୋଳ ଅମଲାପଡ଼ା ଦ୍ୱିତୀୟ ଲେନ୍‌ରେ ରହି ବ୍ୟବସାୟ କରୁଛନ୍ତି। ତାଙ୍କୁ ଏକ ଅଜଣା ଫୋନ ନମ୍ବରରୁ କଲ୍ ଆସିଥିଲା। ସାଇବର ଠକ ଜଣକ ଭାରତୀୟ ସେନାରୁ ଫୋନ୍ କରିଥିବା କହି ଷ୍ଟିକରିଂ କରିବାକୁ ବ୍ୟବସାୟୀ କାମାୱାଦଙ୍କୁ ବରାଦ ଦେଇଥିଲେ। ଏ ନେଇ ବ୍ୟବସାୟୀ ଜଣକ ଅଗ୍ରିମ ଟଙ୍କା ମାଗିବାରୁ ବଡ଼ ଅଫିସର ଟଙ୍କା ପ୍ରଦାନ କରିବେ ବୋଲି କହିଥିଲେ। ଷ୍ଟିକରିଂ ପାଇଁ କୋଟେଶନ ୪୫ ହଜାର ୩ଶହ ଟଙ୍କା ହୋଇଥିଲା। ତେବେ ଟଙ୍କା ଆସୁନାହିଁ କହି ଠକ ଜଣକ ବ୍ୟବସାୟୀଙ୍କୁ ୫ଟଙ୍କା ପ୍ରଥମେ ଫୋନ ମାଧମରେ ପଠାଇବାକୁ କହିଥିଲେ। ଏହାପରେ ବ୍ୟବସାୟୀ ୪୫ ହଜାର ୨୯୫ ଟଙ୍କା ଓ ପରବର୍ତ୍ତୀ ସମୟରେ ୯୦ ହଜାର ୫୯୫ ଟଙ୍କା ପଠାଇଥିଲେ। ଏହାପରେ ଫୋନ୍ କରିବାରୁ କୌଣସି ଉତ୍ତର ମିଳି ନ ଥିଲା। ବ୍ୟବସାୟୀ ଜଣକ ଠକଙ୍କ ହାବୁଡ଼ରେ ପଡ଼ିଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିବା ପୋଲିସ ସୂଚନା ଦେଇଛି।

# ବରପୁତ୍ରମାନଙ୍କ ଅବଦାନ ଉପରେ ଆଲୋକପାତ



ଉପଖଣ୍ଡ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଉଛି।

ଆଠମଲ୍ଲିକ, ୧।୪ (ଡି.ଏନ.ଏ.)

ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସକାଳୁ ବନ୍ଦେ ଉତ୍କଳ ଜନନୀ ଗାନ ସହ ଏକ ମିନି ମାରାଥନ ଆୟୋଜିତ ହୋଇଥିଲା। ପରେ ଗାନ୍ଧୀ ପାର୍କସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀ, ମାନଜୋର ଛକସ୍ଥିତ ଡ. ବି. ଆର୍. ଆମ୍ବେଡକର, କଚେରି ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ। ପୂର୍ବାହ୍ନ ୯ଟାରେ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ଉପଜିଲାପାଳ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଦେବେନ୍ଦ୍ର କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ନନ୍ଦକିଶୋର ମହାକୁଡ଼, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶା ଗଠନରେ ବରପୁତ୍ରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସହକାରୀ ଜିଲାପାଳ ତଥା ସୂଚନା ଲୋକ ସମ୍ପର୍କ ଅଧିକାରୀ କୁଳମଣି ଦଳେଇ ସଭା ସଂଯୋଜନା କରିଥିଲେ। ଉକ୍ତ ସଭାରେ ବିଭିନ୍ନ ବିଭାଗର ଅଧିକାରୀ, ସ୍କୁଲ ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସନ୍ଧ୍ୟାରେ ସୂଚନା କେନ୍ଦ୍ର ସମ୍ମୁଖରେ ଥିବା ମଣ୍ଡପ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜନପ୍ରତିନିଧିଙ୍କୁ ଉପେକ୍ଷା ନେଇ କ୍ଷୋଭ

ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଥିଲେ ମଧ୍ୟ ଜନପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ କରି ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ ଓ କିଶୋରନଗର ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଏନଏସି ଅଧ୍ୟକ୍ଷା ସାହୁ, ବ୍ଲକ ଅଧ୍ୟକ୍ଷ ରାଉଳ, ଏନଏସି ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, କାଉନସିଲର ସମ୍ବିତ ସୌରଭ ଦାସ, ମଞ୍ଜରୀ ଦନ୍ତା, ଶିଳି ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରୁଥିଲେ ହେଁ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ପ୍ରଶାସନ ସେମାନଙ୍କୁ ଉପେକ୍ଷା କରିଛି। ଏ ସମ୍ପର୍କରେ ଉପଜିଲାପାଳ ତରଣୀ ସୁନା କହିଛନ୍ତି, ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କୁ ସାମିଲ କରାଯାଇଛି। ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକରେ ମଧ୍ୟ ସେମାନଙ୍କୁ ସାମିଲ କରାଯାଇଥିଲା। ଯଦି ସେମିତି କିଛି ହୋଇଥାଏ ତା'ହେଲେ ଭବିଷ୍ୟତରେ ତାହାର ସଂଶୋଧନ କରାଯିବ।


ଖବରଦାତା ସମ୍ମିଳନୀରେ ଅଭିଯୋଗ କରୁଛନ୍ତି ଜନପ୍ରତିନିଧିମାନେ।

# ମାଲ୍ୟାର୍ପଣ, ସ୍ମୃତିଚାରଣ


ଓଡ଼ିଶା ଦିବସ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ବଇଣ୍ଡା,୧।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଶିଶୁମନ୍ଦିରରେ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଇଣ୍ଡା କଲେଜ ଅଧ୍ୟାପକ ରବି ନାରାୟଣ ବେହେରା ଯୋଗଦେଇ ଓଡ଼ିଶା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କିଶୋରନଗର ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏବିଡିଓ ରାହାସ ବିହାରୀ ସାହୁ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ତରଣୀ ସେନ ସାହୁ, କୁଳମଣି ମେହେର ଯୋଗଦେଇଥିଲେ। ସେହିପରି କିଶୋରନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସଂଗ୍ରାମ କେଶରୀ ପୃଷ୍ଟି, ଶିକ୍ଷୟିତ୍ରୀ ସୋମାଞ୍ଜଳି ସାହୁ, ଶିକ୍ଷକ ଭୈରବ ଦେହୁରୀ, ଜାଗ୍ରତ ସ୍ୱାଇଁ, ପ୍ରସନ୍ନ ପ୍ରଧାନ, ହେମା ଦେଇ ପ୍ରମୁଖ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ବରପୁତ୍ରଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ହେମନ୍ତ ପ୍ରଧାନ, ମଞ୍ଜୁ କଅଁର, ପଙ୍କଜିନୀ ସାହୁ, ଶୁଭଲକ୍ଷ୍ମୀ ସାହୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'କଳା ବଞ୍ଚିଲେ ସଂସ୍କୃତି ବଞ୍ଚି ରହିବ'

ବଇଣ୍ଡା,୧।୪(ଡି.ଏନ.ଏ.)

ଯୁବପିଢ଼ି ଓଡ଼ିଶାରେ ଥିବା ସମସ୍ତ କଳାକୁ ଗ୍ରହଣ କଲେ ସଂସ୍କୃତି, ପରମ୍ପରା ବଞ୍ଚିରହିବ ବୋଲି ଶୁକ୍ରବାର କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମରେ ଅନୁଷ୍ଠିତ କଳାକାର ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଗ୍ରାମ ସଭାପତି ରମେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଚିତ୍ରା ନନ୍ଦ ସାହୁ, ଅନ୍ୟତମ ଅତିଥି ଭାବେ ଗାଁ ବଇଣ୍ଡା ସରପଞ୍ଚ ସସ୍ମିତା ସାହୁ, ନୁନୁକାପଶି ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ଡ. ବନ୍ଦିତା ପ୍ରଧାନ, ଜଗବନ୍ଧୁ ପ୍ରଧାନ, ଦୁତିଆ ଦେହୁରୀ, ପୂର୍ବତନ ଗ୍ରାମ ସଭାପତି ଭୀମସେନ ପ୍ରଧାନ, ବଡ଼ହୁଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ମଧୁସୂଦନ ଦେହୁରୀ, ପ୍ରମୋଦ ପ୍ରଧାନ, ପ୍ରମୁଖ ଯୋଗ ଦେଇଥିଲେ। ବଡ଼ହୁଲା ଦଣ୍ଡଯାତ୍ରାର ପୂର୍ବତନ କଳାକାରଙ୍କୁ ନେଇ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ୫୨ ଜଣ କଳାକାରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ସୁଦାମ ଚରଣ ପ୍ରଧାନ, କୁଞ୍ଜବିହାରୀ ଦେହୁରୀ, ବେଣୁଧର ଦେହୁରୀ, ଭୀଷ୍ମ ଦେହୁରୀ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।


ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଠକେଇ ଅଭିଯୋଗରେ ଯୁବକ ଗିରଫ

ଅନୁଗୋଳ ଅଫିସ, ୧।୪

ଅନୁଗୋଳ ଜିଲା କୋଲିୟରୀ ଥାନା ଅଞ୍ଚଳରେ ଟଙ୍କା ଠକେଇ ଅଭିଯୋଗରେ ପୋଲିସ ଆନ୍ଧ୍ରପ୍ରଦେଶ ନେଲୋର୍ ଅଞ୍ଚଳର ଏଲ. ସନ୍ତୋଷ କୁମାର ରେଡ୍ଡି(୩୯)ଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଦେଉଳବେଡ଼ା ଅଞ୍ଚଳର ଅରବିନ୍ଦ ପ୍ରସାଦ ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୭୬/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ କହିଛି, ଅରବିନ୍ଦ ପାଟନରଶିପ୍‌ରେ କାର୍ଯ୍ୟ କରିବାକୁ ସନ୍ତୋଷଙ୍କୁ ପ୍ରସ୍ତାବ ଦେଇଥିଲେ। ସନ୍ତୋଷ ରାଜି ହେବାରୁ ଅରବିନ୍ଦ ତାଙ୍କୁ ପ୍ରଥମେ ୧୩ ଲକ୍ଷ ୪୧ ହଜାର ଟଙ୍କା କ୍ୟାଶ୍ ଆକାରରେ ପ୍ରଦାନ କରିଥିଲେ। ଏ ନେଇ ସନ୍ତୋଷ ତାଙ୍କୁ ଦୁଇଟି ଚେକ୍ ଅଗ୍ରିମ ପ୍ରଦାନ କରିଥିଲେ। କାମର ବିଲ୍ ହେବା ପରେ ଏହି ଚେକ୍ ଲଗାଇବାକୁ ସନ୍ତୋଷ କହିବା ସହ ଲାଭ ହେଲେ ଅର୍ଥ ମଧ୍ୟ ପ୍ରଦାନ କରିବେ ବୋଲି କହିଥିଲେ। ତେବେ ସନ୍ତୋଷ ତାଳଚେରରୁ ଯିବା ପରେ ଅରବିନ୍ଦଙ୍କ ଆକାଉଣ୍ଟରୁ ୮ଟି ପର୍ଯ୍ୟାୟରେ ୧୭ ଲକ୍ଷ ୩୧ ହଜାର ଟଙ୍କା ନେଇଯାଇଥିଲେ। ଏହି ଟଙ୍କା ମଧ୍ୟରୁ ୫ ଲକ୍ଷ ୭୦ ହଜାର ୭ଶହ ଟଙ୍କା ଫେରାଇଥିବାବେଳେ ଅବଶିଷ୍ଟ ଟଙ୍କା ଫେରାଇ ନ ଥିଲେ। ଏ ନେଇ ଅରବିନ୍ଦ ଥାନାରେ ଅଭିଯୋଗ କରିଥିଲେ ବୋଲି ପୋଲିସ ପ୍ରକାଶ କରିଛି।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ

ଛେଣ୍ଡିପଦା/ କଣିହାଁ,୧।୪ (ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବସନ୍ତପୁର ପଞ୍ଚାୟତଠାରେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଦ୍ୱାରା ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦୁଲା ଠାକୁର ପ୍ରଧାନ, ଛେଣ୍ଡିପଦା ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ୫ଶହରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବସନ୍ତପୁର ସରପଞ୍ଚ ଲକ୍ଷ୍ମୀ ସାମଲ, ସମିତି ସଭ୍ୟ ଯୁଗଳ କିଶୋର ନାଏକ, ଭାଜପା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକ, ମିଡିଆ ସେଲ୍ କୋଅର୍ଡିନେଟର ଅକ୍ଷୟପାଦ ବେହେରା, ଗୌତମ ଧଳ, ବିଜୟ କୁମାର ଦେହୁରୀ, ଯୋଶବନ୍ତ ସାହୁ, ଗୋବିନ୍ଦ ନାଏକ, ମହେଶ୍ୱର ଦେହୁରୀ, ଜଗଦୀଶ ସାହୁ, ଯୁଗଳ ଦେହୁରୀ, କରୁଣାକର ବିଶ୍ୱାଳ, ସୁମତି ବେହେରା, କମଳାକାନ୍ତ ସାହୁ, ସୁଜିତ ଗଡ଼ନାୟକ, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମରେ ଫାଉଣ୍ଡେଶନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦୁଲା ଠାକୁର ପ୍ରଧାନ ଯୋଗଦେଇଥିଲେ। ସମ୍ ହସ୍ପିଟାଲ ଓ ଗେଲ୍ ଇଣ୍ଡିଆ ଡାକ୍ତରୀଦଳଙ୍କ ସହଯୋଗରେ ଏହି ଶିବିର ପରିଚାଳିତ ହୋଇଥିଲା। ସେହିପରି ପୋଡ଼ାଗଡ଼ ରାମ ନବମୀ ମହୋତ୍ସବରେ ଫାଉଣ୍ଡେଶନ ଅଧ୍ୟକ୍ଷା ପ୍ରଧାନଙ୍କ ସହ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଶୁଶୁବା ସରପଞ୍ଚ ମାମାଳି ସାମଲ, ଜଗମୋହନ ପ୍ରଧାନ, ସମିତିସଭ୍ୟା ଲକ୍ଷ୍ମୀ ବିଶ୍ୱାଳ, ପ୍ରହ୍ଲାଦ ସାମଲ, ବସନ୍ତ ମଞ୍ଜରୀ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ସୁମନ୍ତ ପ୍ରଧାନ, ମନୋଜ ବିଶ୍ୱାଳ, ଶିଶିର ସାମଲ ଓ ରାମନବମୀ ଟ୍ରଷ୍ଟର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।


ବସନ୍ତପୁର ପଞ୍ଚାୟତରେ ଆୟୋଜିତ ସ୍ୱାସ୍ଥ୍ୟସେବା ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## କୋଭିଡ୍ ସେଣ୍ଟରରୁ ଚୋରି, ୨ ଗିରଫ

ଛେଣ୍ଡିପଦା,୧।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ପୋଲିସ ଶୁକ୍ରବାର ୨ ଚୋରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଉଦ୍ଧାର କରିଛି। ପୋଲିସ କହିଛି, ଡିସେମ୍ବର ୨୦୨୨ରେ ନିଶା ଶିଳ୍ପାଞ୍ଚଳସ୍ଥିତ ଏକ କମ୍ପାନୀର କୋଭିଡ ସେଣ୍ଟରରୁ ୩ଟି ୱାଶିଂ ମେଶିନ ଏବଂ ଗୋଟିଏ ଏଲଇଡି ଚୋରି ହୋଇଥିଲା। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ. ୨୬୧/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଅଭିଯୁକ୍ତ ଦ୍ୱୟଙ୍କ ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ ଭୁବନପୁର ଗ୍ରାମରେ ଚଢାଉ କରି ଗୋବିନ୍ଦ ନାଥ ଓ କୃତାର୍ଥ ନାଥଙ୍କୁ ଶୁକ୍ରବାର ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି।



# ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

କାମାକ୍ଷାନଗର, ୧।୪(ଡି.ଏନ୍.ଏ.)

୧୯୩୬ ଏପ୍ରିଲ୍ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ସ୍ୱତନ୍ତ୍ର ଓଡ଼ିଶା ଗଠନର ପ୍ରମୁଖ ବିନ୍ଧାଣିମାନଙ୍କୁ ସାରା ରାଜ୍ୟବାସୀ ମନେପକାଉଛନ୍ତି। ଆମେ ସମସ୍ତେ ଓଡ଼ିଆ ଭାବେ ଗର୍ବ କରିବା ଉଚିତ। ଉପଖଣ୍ଡର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ଏବଂ ଏଥିରେ ସହଯୋଗ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ। ଶନିବାର ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଜିଲାପାଳ ଏହା କହିଛନ୍ତି।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଏନଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର, କାମାକ୍ଷାନଗର କଲେଜ ଅଧ୍ୟକ୍ଷ ମଙ୍ଗୁଳି ନାୟକ, ପଞ୍ଚାୟତିରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କିରାଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜସ୍ୱ ଅଧିକାରୀ ଦୀପକ ମିଶ୍ର ପରିଚାଳନା କରିଥିଲେ। ଏଥିପୂର୍ବରୁ ସକାଳେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

## ଟ୍ରକ୍ ଧକ୍କାରେ ଜଣେ ମୃତ

ଛେଣ୍ଡିପଦା,୧।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା କାଳୀମନ୍ଦିର ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ଦଣ୍ଡଯାତ୍ରା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲିପଟା ଗ୍ରାମର ବବୁଲୁ ଗୋଛାୟତ। ବାଲିପଟା ଗ୍ରାମ ହାଟପଡିଆ ପାଖ କାଳୀମନ୍ଦିର ଠାରେ ଦଣ୍ଡଯାତ୍ରା ହେଉଥିବା ବେଳେ ରାତି ପ୍ରାୟ ୧୧ଟା ୩୦ରେ ବବୁଲୁ ସେଠାକୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ଛେଣ୍ଡିପଦାରୁ ଜରପଡା ଆଡକୁ ଯାଉଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଗୁରୁତର ବବୁଲୁଙ୍କୁ ତୁରନ୍ତ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 194/2022-23/RWD/CHATRA, दिनांक– 21.12.2022, PR NO.- 285723 द्वारा प्रकाशित निविदा में आईडेन्टीफिकेशन संख्या– RWD /CHATRA /08 /2022-23 एवं RWD/CHATRA/09/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294223 (Rural Work Department)22-23*D

झारखण्ड सरकार
ग्रामीण कार्य विभाग
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 79/RI/2022-23/RWD/DHANBAD, दिनांक 12.01.2023, PR NO.- 287503 द्वारा प्रकाशित निविदा में आईडेन्टीफिकेशन संख्या– RWD/DHANBAD/10/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294234 Rural Work Department (22-23)_D

# ସମ୍ମାନିତ ହେଲେ ଶିଶୁ ପ୍ରତିଭା

ଢେଙ୍କାନାଳ ଅଫିସ, ୧।୪

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଶତାୟୁ ଶିକ୍ଷାନୁଷ୍ଠାନ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷଡ଼ଙ୍ଗୀ ଏସ୍‌ବିଆଇ ଶାଖା ପ୍ରବନ୍ଧକ ଶିବାନନ୍ଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ। ଷଡ଼ଙ୍ଗୀ ଗ୍ରାମ ସଭାପତି ବୈଷ୍ଣବ ଚରଣ ବେହେରା, ଉପଦେଷ୍ଟା ନବକିଶୋର ବେହେରା, ପରିଚାଳନା ପରିଷଦ ସଭାପତି ନିର୍ମଳ ଚନ୍ଦ୍ର ବିହାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ହରିହର ସାହୁଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଣ୍ଡଧର ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରୀନାରାଣି ଖଟୁଆ, ବିଡିଓ ଆଶିଷ ରଞ୍ଜନ ସାହୁ, ଏବିଡିଓ ଜ୍ୟୋତିର୍ମୟୀ ନାଥ, କାନପୁରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍, ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ସଞ୍ଜୟ ସାମନ୍ତ ମଞ୍ଚ ପରିଚାଳନା କରିଥିଲେ।



# ଓଡ଼ିଆ ଜାତିକୁ ଏକାଠି କରିଥିଲେ ମଧୁବାବୁ

ଢେଙ୍କାନାଳ ଅଫିସ,୧।୪

ଢେଙ୍କାନାଳ ଜିଲା ଲେଖକ ସଂସଦ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ମିଳିତ ଆନୁକୂଲ୍ୟରେ ଶନିବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡା. ଶ୍ରୀନିବାସ ହୋତା ଯୋଗଦେଇ କହିଲେ, ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଜାତିଙ୍କୁ ଏକାଠି କରିଥିଲେ। ଓଡ଼ିଆ ମାଟିର ସୁଯୋଗ୍ୟ ସନ୍ତାନ ରାଧାନାଥ ରାୟ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ତ୍ୟାଗ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସେମାନଙ୍କ ନିକଟରେ ଓଡ଼ିଆ ଜାତି ଚିରନମସ୍ୟ ବୋଲି ମୁଖ୍ୟବକ୍ତା ଡ. ପ୍ରଫୁଲ୍ଲ କୁମାର ପାଣି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଉତ୍କଳ ସମ୍ମିଳନୀ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ବିପନବିହାରୀ, ସମୀର ସାହୁ, ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।


ଓଡ଼ିଶା ଦିବସରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

झारखण्ड सरकार
ग्रामीण कार्य विभाग,
मुख्य अभियंता का कार्यालय,
102, द्वितीय तल्ला, अभियंत्रण भवन,
कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, धनबाद के निविदा आमंत्रण संख्या– 223/2022-23/RWD/DHANBAD, दिनांक 06.01.2023, PR NO.- 286 901 द्वारा प्रकाशित निविदा में आईडेन्टीफिकेशन संख्या– RWD/ DHANBAD/24/2022-23 एवं RWD/ DHANBAD /25/ 2022 -23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी
ई–प्रोक्युर्मन्ट सेल
PR 294238 Rural Work Department(23-24).D

